# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 11 October – 2025

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ପିଏମ୍-ଧନଧାନ୍ୟ ଯୋଜନାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

– ସମ୍ବଲପୁରର ବସନ୍ତପୁର ଏବଂ ଭୁବନେଶ୍ୱରର ପାଣ୍ଡ୍ରାଠାରେ ପ୍ରତିଷ୍ଠା ହେବ ଆକ୍ୱାପାର୍କ ଓ ଅତ୍ୟାଧୁନିକ ମାଛମାର୍କେଟ

– କୃଷି ଉତ୍ପାଦନ ବୃଦ୍ଧି ଓ ଫସଲ ବିବିଧତାକୁ ଏହି ଯୋଜନା ଆହୁରି ସୁଦୃଢ଼ କରିବ; କହିଲେ ମୁଖ୍ୟମନ୍ତ୍ରୀ

- ପୁରୀ ଶ୍ରୀମନ୍ଦିରକୁ ଡି.ଜି.ସି.ଏ. ପକ୍ଷରୁ ରେଡ୍ ଜୋନ୍ ଘୋଷଣା

- ଲିଙ୍ଗଗତ ସମାନତା ଏବଂ କନ୍ୟାସନ୍ତାନଙ୍କୁ ସମାନ ସୁଯୋଗ ଦେବା ଲକ୍ଷ୍ୟ ନେଇ ପାଳିତ ହେଉଛି ଅନ୍ତର୍ଜାତୀୟ କନ୍ୟା ଦିବସ

ଏବଂ

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହେବ ଏସୀୟ ଟେବୁଲ ଟେନିସ୍ ଚାମ୍ପିଅନସିପ୍

# ସିଏମ୍‌–ଧନଧାନ୍ୟ ଯୋଜନା

ଭୁବନେଶ୍ୱର କୃଷି ଶିକ୍ଷା ସଦନଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କୃଷି ଓ କୃଷକଙ୍କ କଲ୍ୟାଣ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଓ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ ବଳିଷ୍ଠ ଭୂମିକା ନେବ ବୋଲି କହିଛନ୍ତି। ଏହି ଯୋଜନା କୃଷି ଓ ମତ୍ସ୍ୟ କ୍ଷେତ୍ରରେ ବିପ୍ଳବ ଆଣିପାରିବ।

**- V/O -**

କୃଷି ଉତ୍ପାଦନ ବୃଦ୍ଧି ସହ ଫସଲ ବିବିଧତା, ଦୀର୍ଘସ୍ଥାୟୀ କୃଷି ପଦ୍ଧତି ଗ୍ରହଣୀୟତା ବୃଦ୍ଧି, ଅମଳ ପରବର୍ତ୍ତୀ ଫସଲ ସଂରକ୍ଷଣ ଓ ଜଳସେଚନ ଆଦି ବ୍ୟବସ୍ଥାକୁ ଏହି ଯୋଜନାଗୁଡ଼ିକ ଆହୁରି ସୁଦୃଢ଼ କରିପାରିବ। ଚାଷୀଙ୍କ ସମସ୍ତ ସମସ୍ୟାର ସମାଧାନ ପାଇଁ ସରକାର ତତ୍ପର ଥିବା ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ଚାଷୀଙ୍କୁ ସଶକ୍ତ କରିବା ପାଇଁ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଜୈବିକ ଚାଷ ପ୍ରତି ଚାଷୀ ଆଗ୍ରହୀ ହେବା ପାଇଁ ଶ୍ରୀ ସିଂହଦେଓ ପରାମର୍ଶ ଦେଇଛନ୍ତି ।

କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରରେ ଚାଷୀଙ୍କ ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପ ନେବାକୁ ହେବ। ଚାଷୀଙ୍କୁ ସରକାରୀ ଯୋଜନା ଦିଗରେ ସଚେତନ, ଆତ୍ମନିର୍ଭର, ଉପଯୁକ୍ତ ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧି ଚାଷୀଙ୍କୁ ସଶକ୍ତ କରିପାରିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସରକାରଙ୍କ ସୂଚନା ଅନୁସାରେ ଏହି ପଦକ୍ଷେପ ଯୋଗୁଁ ଦେଶର ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଏବଂ କୃଷକ ଉତ୍ପାଦକ ଗୋଷ୍ଠୀ ଲାଭବାନ ହେବେ । ରାଜ୍ୟର ସମସ୍ତ କୃଷି ବିଜ୍ଞାନ କେନ୍ଦ୍ରରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଛି ।

Ganjam/Kalahandi/Nabarangpur

## ଜିଲ୍ଲା- ପିଏମ୍ ଧନଧାନ୍ୟ

ରାଜ୍ୟରେ ବିଭିନ୍ନ ସ୍ଥାନରେ ପିଏମ୍ ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ ହୋଇଯାଇଛି ।

ନବରଙ୍ଗପୁର ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମୁଜିବଲ୍ଲା ଖାନ୍, ଜିଲ୍ଲାର ଚାଷୀ ଭାଇଭଉଣୀ ଓ କୃଷି ଅଧିକାରୀମାନେ ସାମିଲ ହୋଇଛନ୍ତି ।

କଳାହାଣ୍ଡି ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ମାଳବିକା ଦେବୀ ଯୋଗଦେଇ ଏହି ଯୋଜନା ଚାଷୀଙ୍କ ହିତରେ କାର୍ଯ୍ୟକାରୀ ହେବ

ବୋଲି ମତ ରଖିଛନ୍ତି । ଜିଲ୍ଲାର ଚାଷୀ, କୃଷି ବିଜ୍ଞାନ କେନ୍ଦ୍ରର ଅଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ଗଞ୍ଜାମ ଜିଲ୍ଲାରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ଖଲ୍ଲିକୋଟ-ଛତ୍ରପୁର-ଆସିକା ବିଧାୟକ ଓ ଚାଷୀଭାଇମାନେ ଉପସ୍ଥିତ ଥିଲେ ।

Puri

## ଶ୍ରୀମନ୍ଦିର– ରେଡ୍ ଜୋନ୍

ପୁରୀ ଶ୍ରୀମନ୍ଦିରକୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ– ଡି.ଜି.ସି.ଏ. ପକ୍ଷରୁ ରେଡ୍ ଜୋନ୍ ଘୋଷଣା କରାଯାଇଛି । ଗତ ସେପ୍ଟେମ୍ବର ୨୬ ତାରିଖରୁ ଶ୍ରୀଜଗନ୍ନାଥ ମନ୍ଦିର ଅଞ୍ଚଳକୁ ରେଡ୍ ଜୋନ୍‌ଭାବେ ଘୋଷଣା କରାଯାଇଥିବା ନେଇ ଏୟାରସ୍ପେସ୍ ମ୍ୟାପ୍‌ରେ ରହିଥିବା ତଥ୍ୟରୁ ଜଣାପଡ଼ିଛି । ଏହି ଅବଧି ଆଗାମୀ ତିନିବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ । ନିୟମ ଅନୁସାରେ ପୁର୍ନବାର ସମୟସୀମା ବୃଦ୍ଧି ନେଇ ଆବେଦନ କରାଯିବ । ପୂର୍ବରୁ ଶ୍ରୀମନ୍ଦିର ଉପରକୁ ନୋଫ୍ଲାଇଙ୍ଗ ଜୋନ୍ ଭାବେ ଘୋଷଣା କରାଯାଇଥିଲା । ବର୍ତ୍ତମାନ ସମୟରେ ରେଡ୍ ଜୋନ୍ ଘୋଷଣା ଶ୍ରୀମନ୍ଦିରର ସୁରକ୍ଷାକୁ ଆହୁରି ମଜଭୁତ କରିବ ବୋଲି ଆଶା କରାଯାଉଛି ।

Desk

## ବିକଶିତ ଭାରତ ବିଲ୍ଡାଥନ–୨୦୨୫

ଦେଶର ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନ ବୃଦ୍ଧି ଲକ୍ଷ୍ୟରେ ଆରମ୍ଭ କରାଯାଇଥିବା 'ବିକଶିତ ଭାରତ ବିଲ୍ଡାଥନ-୨୦୨୫' ପଞ୍ଜୀକରଣର ଆଜି ଶେଷ ତାରିଖ। ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ଦ୍ୱାରା ଅଟଳ ଇନୋଭେସନ୍ ମିଶନ, ନୀତି ଆୟୋଗ ଏବଂ ଏ.ଆଇ.ସି.ଟି.ଇ. ସହଯୋଗରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀଠାରେ ଗତ ସେପ୍ଟେମ୍ବର ୨୩ ତାରିଖରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଥିଲେ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ଚିନ୍ତାଧାରା ଏବଂ ଉତ୍ପାଦ ବିକାଶ କରିବାର କ୍ଷମତାକୁ ଏହା ବୃଦ୍ଧି କରିବ। 'ଭୋକାଲ ଫର୍ ଲୋକାଲ', ଆତ୍ମନିର୍ଭର ଭାରତ, ସ୍ୱଦେଶ ଏବଂ ସମୃଦ୍ଧି ପରି ଚାରୋଟି ବିଷୟବସ୍ତୁ ଉପରେ କାର୍ଯ୍ୟକ୍ରମଟି ପର୍ଯ୍ୟବେସିତ। ଏହି କାର୍ଯ୍ୟକ୍ରମ ଦେଶରେ ନୂତନ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବ ଏବଂ ଯୁବପିଢ଼ିଙ୍କୁ ଏକ ଉନ୍ନତ, ବିକଶିତ ଏବଂ ଆତ୍ମନିର୍ଭର ଭାରତ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ ପାଇଁ ପ୍ରସ୍ତୁତ କରିବ। 'ବିଲ୍ଡାଥନ' କାର୍ଯ୍ୟକ୍ରମ ଆସନ୍ତା ସୋମବାରଠାରୁ ଆରମ୍ଭ ହେବ। ଏହାର ଶେଷ ପର୍ଯ୍ୟାୟ ୨୦୨୬ ଜାନୁଆରୀରେ ଅନୁଷ୍ଠିତ ହୋଇ ଫଳାଫଳ ଘୋଷଣା ହେବ। ଏଥିରେ ଶ୍ରେଷ୍ଠ ଏକ ହଜାରରୁ ଊର୍ଦ୍ଧ୍ୱ ବିଜେତାଙ୍କୁ ସମ୍ବୋଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

Desk

## ତମାଖୁ ମୁକ୍ତ ଯୁବ ଅଭିଯାନ

ଦେଶବ୍ୟାପୀ ତମାଖୁ ମୁକ୍ତ ଶିକ୍ଷା ପରିବେଶ ଗଠନ ଏବଂ ଛାତ୍ରଛାତ୍ରୀଙ୍କ ଶାରୀରିକ ଓ ମାନସିକ ସୁସ୍ଥତାକୁ ଦୃଷ୍ଟିରେ ରଖି ତମାଖୁ ମୁକ୍ତ ଯୁବ ଅଭିଯାନ- ୩.୦ ଆରମ୍ଭ କରାଯାଇଛି। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଏକ ସୁସ୍ଥ, ସୁଚିନ୍ତିତ ଏବଂ ସଶକ୍ତ ଯୁବ ଜନସଂଖ୍ୟାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ଦେଖାଯାଉଛି। ଶିକ୍ଷାଗତ ଭାବେ ଶକ୍ତିଶାଳୀ ଏବଂ ଶାରୀରିକ ଓ ମାନସିକ ଭାବରେ ସୁସ୍ଥ ଯୁବଗୋଷ୍ଠୀ ଦେଶକୁ ଏକ ସମୃଦ୍ଧ ଭବିଷ୍ୟତ ଆଡ଼କୁ ଅଗ୍ରସର କରାଇବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ମିଳିତ ସହଯୋଗରେ ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ୬୦ ଦିନବ୍ୟାପୀ ଚାଲିବ। ଯୁବପିଢ଼ିଙ୍କୁ ତମାଖୁ ବ୍ୟବହାର ରୋକିବା ପାଇଁ ସଚେତନତା କରାଇବା ଏବଂ ସ୍କୁଲ ଓ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଅଭିଯାନର ମୂଳଲକ୍ଷ୍ୟ।

Ganjam

## ତାଲିମ ଶିବିର

ଗଞ୍ଜାମ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଆର୍ଥିକ ସାକ୍ଷରତା, ବିତ୍ତୀୟ ଅଧିକାର, ସାମାଜିକ ଓ ରାଜନୈତିକ ଅଧିକାର, 'ବେଟି ବଚାଓ' ବେଟି ପଢ଼ାଓ' କାର୍ଯ୍ୟକ୍ରମ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଦେଶରେ ମହିଳା ଓ କିଶୋରୀମାନଙ୍କୁ ସଶକ୍ତୀକରଣ ଓ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ

ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ତାଲିମ ଶିବିରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଯୋଗଦେଇ ମହିଳା ସଶକ୍ତୀକରଣ, ଭ୍ରୁଣ ହତ୍ୟା, ଲିଙ୍ଗ ନିରୂପଣ ରୋକିବା ଦିଗରେ ସରକାରଙ୍କ ଏହି ଯୋଜନା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇପାରିଛି ବୋଲି ମତବ୍ୟକ୍ତ କରିଛନ୍ତି।

Ganjam

## ରାଜସ୍ୱ ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାକୃତିକ ବିପର୍ଯ୍ୟୟ, ସାପ କାମୁଡ଼ା ଏବଂ ପାଣିରେ ବୁଡ଼ି ପ୍ରାଣ ହରାଉଥିବା ଲୋକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ମିଳିଥିବା ଅନୁକମ୍ପା ରାଶିକୁ ତୁରନ୍ତ ପ୍ରଦାନ ପାଇଁ ଉପଜିଲ୍ଲାପାଳ ଶିବାଶିଷ ବରାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ସରକାର ଜମି ଜବରଦଖଲକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହର କରିବା ଏବଂ ଜମିପଟ୍ଟାଗୁଡ଼ିକର ଅପଡେଟ୍ ଉପରେ ଗୁରୁତ୍ୱ ଦେବା ପାଇଁ ବୈଠକରେ ଶ୍ରୀ ବରାଳ ଗୁରୁତ୍ୱାରୋପ କରିଥିଲେ।

Ganjam/Desk

## ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ

ଲିଙ୍ଗଗତ ସମାନତା  ଏବଂ କନ୍ୟା ସନ୍ତାନକୁ ସମାନ ସୁଯୋଗ ଦେବା ନେଇ ଆଜି ଅନ୍ତର୍ଜାତୀୟ କନ୍ୟା ଦିବସ ପାଳନ କରାଯାଉଛି । ଶିକ୍ଷା,

ପୋଷଣ, ଶାରୀରିକ ଓ ମାନସିକ କଲ୍ୟାଣ, ଆଇନଗତ ଅଧିକାର, ସ୍ୱାସ୍ଥ୍ୟ ଏବଂ ହିଂସା ବିନା ସୁରକ୍ଷିତ ଜୀବନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବାଳିକାମାନେ ଭେଦଭାବର ଶିକାର ନ ହେବାପାଇଁ ସଚେତନତାମୂଳକ ବାର୍ତ୍ତା ଦିଆଯାଉଛି । ଚଳିତ ବର୍ଷ ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସର ବିଷୟ ରହିଛି **"ମୁଁ ଯେଉଁ ନେତୃତ୍ୱର ପରିବର୍ତ୍ତନ ନେଉଛି-ସଙ୍କଟର ଆଗଧାଡ଼ିରେ ଝିଅମାନେ"** । ସମଗ୍ର ବିଶ୍ୱରେ ଝିଅମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଗୁଡ଼ିକର ସମାଧାନ କରିବା ଏବଂ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ୨୦୧୨ ମସିହାଠାରୁ ବିଶ୍ୱସ୍ତରରେ ଏହି ଦିବସ ପାଳନ କରାଯାଉଛି ।

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଏହି ଦିବସ ପାଳନ କରାଯାଉଛି।

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଯଉଗଡ଼ ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କନ୍ୟାସନ୍ତାନର ସ୍ୱାସ୍ଥ୍ୟ, ଶିକ୍ଷା, ଲିଙ୍ଗଗତ ପାର୍ଥକ୍ୟ ଏବଂ ବିଭିନ୍ନ ମୌଳିକ ଅଧିକାର ସମ୍ପର୍କରେ ଆଲୋଚନା କରାଯାଇଥିଲା।

Desk

# ଟେବୁଲ ଟେନିସ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଏସୀୟ ଟେବୁଲ ଟେନିସ ଚାମ୍ପିୟନସିପ ଆଜି ଅପରାହ୍ନରେ ଆରମ୍ଭ ହେବ। ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ୨୨ଟି ଦେଶର ୫ଶହରୁ ଊର୍ଦ୍ଧ୍ୱ କ୍ରୀଡାବିତ୍ ଅଂଶଗ୍ରହଣ କରୁଛନ୍ତି । ଚାମ୍ପିୟନସିପ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳୀମାନେ ଆଗାମୀ ଦିନରେ ଲଣ୍ଡନରେ ଆୟୋଜିତ ହେବାକୁ ଥିବା ବିଶ୍ୱ ଟେବୁଲ ଟେନିସ ଟିମ୍ ଚାମ୍ପିୟନସିପ-୨୦୨୬ ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ।